ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଜ୍ଞାନ ବିଭାଗ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୭୦/୨୦୨୬ ସପ୍ତାହ-୩୫ ମଙ୍ଗଳବାର, ତାରିଖ-୦୧.୦୯.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୯୨୩.୨/୫୧ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୭୨.୮/୦୫ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୨୮.୭ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୪.୦ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୨-୦୯-୨୦୨୬ | ୯ | ୨୯ | ୨୩ | ୬ | ୯୬ | ୭୩ | ୭ | ୨୪୧ |
| | ୦୩-୦୯-୨୦୨୬ | ୭ | ୨୮ | ୨୩ | ୬ | ୯୦ | ୬୭ | ୯ | ୨୧୩ |
| | ୦୪-୦୯-୨୦୨୬ | ୬ | ୨୯ | ୨୪ | ୫ | ୯୦ | ୬୭ | ୧୦ | ୨୦୭ |
| | ୦୫-୦୯-୨୦୨୬ | ୭ | ୨୯ | ୨୪ | ୫ | ୯୦ | ୬୨ | ୮ | ୧୯୧ |
| | ୦୬-୦୯-୨୦୨୬ | ୬ | ୩୦ | ୨୪ | ୫ | ୮୯ | ୬୫ | ୬ | ୧୯୧ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ବର୍ଷା (୬ ରୁ ୯ ମିମି/ଦିନ) ହେବାର ସମ୍ଭାବନା ରହିଛି। ଏହି ଦିନ ଗୁଡ଼ିକରେ ଆକାଶ ସାଧାରଣତଃ ମେଘୁଆ ରହିବା ସହିତ ଦକ୍ଷିଣ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୬ ରୁ ୧୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୦° ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୪° ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୯ ରୁ ୯୬% ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୨ ରୁ ୭୩% ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ବର୍ତ୍ତମାନର ପାଣିପାଗ ସ୍ଥିତି:** ଗାଙ୍ଗେୟ ପଶ୍ଚିମବଙ୍ଗ, ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆଜି ୦୧ ସେପ୍ଟେମ୍ବର ୨୦୨୬ ପୂର୍ବାହ୍ନ ୦୮:୩୦ ସମୟରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର (Well-Marked Low Pressure Area) ସକ୍ରିୟ ରହିଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବିସ୍ତୃତ ରହିଛି, ଯାହା ଉଚ୍ଚତା ସହ ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଦେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।

**ଚେତାବନୀ : ନାହିଁ (୦୨.୦୯.୨୦୨୬ ସକାଳ ୦୮:୩୦ ରୁ ୦୬.୦୯.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଲଘୁଚାପ ପ୍ରଭାବରେ ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ଜାରି ରହିବାର ସମ୍ଭାବନା ରହିଛି । ଚାଷୀଭାଇମାନେ "ମୌସମ୍" (MAUSAM) ମୋବାଇଲ୍ ଆପ୍ ମାଧ୍ୟମରେ ନିୟମିତ ପାଣିପାଗ ପୂର୍ବାନୁମାନ ସମ୍ପର୍କରେ ଅପଡେଟ୍ ରୁହନ୍ତୁ।
- ପାଗ ନିର୍ମଳ ଏବଂ ଶୁଖିଲା ଥିବା ସମୟରେ ଫସଲରେ ପ୍ରଥମ ଦଫା ସାର ପ୍ରୟୋଗ ଏବଂ ଆବଶ୍ୟକତା ଅନୁସାରେ କୀଟନାଶକ/ରୋଗନାଶକ ଔଷଧ ସିଞ୍ଚନ କରନ୍ତୁ।
- ଘାସ ସହ ପ୍ରତିଯୋଗିତା କମାଇବା ଏବଂ ଫସଲର ଭଲ ବୃଦ୍ଧି ପାଇଁ ଶୁଖିଲା ପାଗରେ ସମୟାନୁସାରେ ଘାସ ବାଛିବା ଏବଂ କୋଡ଼ାଖୋସା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ।
- କ୍ରମାଗତ ମେଘୁଆ ପାଗ ଏବଂ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଯୋଗୁଁ ପୋକ ଏବଂ ରୋଗର ଆକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ନିୟମିତ ବିଲ ପରିଦର୍ଶନ କରନ୍ତୁ ଏବଂ ରୋଗାକ୍ରାନ୍ତ ଗଛଗୁଡ଼ିକୁ ବାଛି ଫସଲ ଜମିଠାରୁ ଦୂରରେ ସୁରକ୍ଷିତ ଭାବେ ନଷ୍ଟ କିମ୍ବା ମାଟିତଳେ ପୋତି ଦିଅନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ପନିପରିବା ଫସଲରେ ଝାଉଁଳା ଏବଂ ଚେର ପଚା ରୋଗର ଲକ୍ଷଣ ଦେଖାଦେଲେ, ପାଗ ଶୁଖିଲା ଥିବା ସମୟରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମ୍ୟାଙ୍କୋଜେବ୍ ୬୪% ଡବ୍ଲୁ.ପି. ମିଶାଇ ଗଛ ମୂଳ ମାଟିରେ ଭଲଭାବେ ସିଞ୍ଚନ କରନ୍ତୁ। |


**Email:** aas.bhawanipatna@gmail.com, **Web Portal:** https://ouat.ac.in/quick-links/agro-advisory-services/ @ amfukalahandi

## ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ପିଲ ଅବସ୍ଥା** | **କୀଟ ପରିଚାଳନା :** ବର୍ତ୍ତମାନର ମେଘୁଆ ପାଗ ଯୋଗୁଁ ସ୍ୱଳ୍ପ ଅବଧି ବିଶିଷ୍ଟ/ପୂର୍ବରୁ ରୋପା ହୋଇଥିବା କିମ୍ବା ସିଧା ବୁଣା ହୋଇଥିବା ଧାନ ଫସଲରେ ପତ୍ରମୋଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ଅଛି। ପୋକର ଉପସ୍ଥିତି ଦେଖାଦେଲେ, ଖରାଟିଆ ଏବଂ ନିର୍ମଳ ପାଗ ଥିବା ସମୟରେ ପ୍ରତି ୧୦ ଲିଟର ପାଣିରେ ୪ ମିଲିଲିଟର କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ.ସି. କିମ୍ବା ପ୍ରତି ଲିଟର ପାଣିରେ ୨ ମିଲିଲିଟର ଫିପ୍ରୋନିଲ୍ ୫% ଏସ.ସି. ମିଶାଇ ସିଞ୍ଚନ କରନ୍ତୁ।<br>**ରୁଆ ଧାନ :**<br>**ଖାଦ୍ୟସାର ପରିଚାଳନା :** ପ୍ରଥମ ଦଫା ସାର ହିସାବରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୨୦ କି.ଗ୍ରା. ୟୁରିଆ ଏବଂ ମଧ୍ୟମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୨୮ କି.ଗ୍ରା. ୟୁରିଆ ସାର ପିଲ ବାହାରିବା ସମୟରେ (ରୋଇବାର ୨୧ ରୁ ୨୫ ଦିନ ମଧ୍ୟରେ) ପ୍ରୟୋଗ କରନ୍ତୁ ।<br>**ଘାସ ପରିଚାଳନା :** ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ-<br>▪ ସଅଳ ଗଜା ପରବର୍ତୀ ଘାସ ନିୟନ୍ତ୍ରଣ ପାଇଁ ରୋଇବାର ୮ ରୁ ୧୦ ଦିନ ମଧ୍ୟରେ ଏକର ପ୍ରତି ୧୦୦ ଗ୍ରାମ ପାଇରାଯୋସୁଲ୍ଫୁରନ ଇଥାଇଲ୍ ୧୦% ଡବ୍ଲୁ.ପି କୁ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ ରୋଇବାର ୧୫ ରୁ ୨୦ ଦିନ ମଧ୍ୟରେ ଏକର ପ୍ରତି ୧୨୦ ମି.ଲି. ବିସ୍ପାଇରିବାକ୍ ସୋଡିୟମ ୧୦% ଏସ.ସି. କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ ।<br>▪ ଧାନ ରୋଇବାର ୨୫ ରୁ ୩୦ ଦିନ ମଧ୍ୟରେ ଶାନ୍ତ/ପାଗ ଶୁଖିଲା ଥିବା ସମୟରେ ଏକର ପ୍ରତି ୨୪୦-୨୬୦ ମିଲିଲିଟର ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୧୦% ଇ.ସି. କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। |
| **କପା** | **ଅଙ୍ଗୀୟ ରୁ ଫୁଲ ଅବସ୍ଥା** | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ ଅମଳ ବୃଦ୍ଧି ପାଇଁ ୭ ମି.ଲି. ପ୍ଲାନୋଫିକ୍ସ ହରମୋନ୍ କୁ ପ୍ରତି ୧୫ ଲିଟର ପାଣିରେ ମିଶ୍ରଣ କରି ଲଗାଇବାର ୬୦-୬୫ ଦିନ ମଧ୍ୟରେ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ ।<br>**ଖାଦ୍ୟସାର ପରିଚାଳନା :** କପା ଲଗାଇବାର ୫୫ ରୁ ୬୫ ଦିନ ମଧ୍ୟରେ ଶଙ୍କର (ହାଇବ୍ରିଡ) କିସମ କ୍ଷେତ୍ରରେ ଏକର ପିଛା ୨୦ କିଲୋଗ୍ରାମ ୟୁରିଆ ଏବଂ ଅଧିକ ଅମଳକ୍ଷମ କିସମ କ୍ଷେତ୍ରରେ ଏକର ପିଛା ୧୫ କିଲୋଗ୍ରାମ ୟୁରିଆ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ । |
| **ହରଡ଼** | **ଅଙ୍ଗୀୟ ଅବସ୍ଥା** | ▪ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ<br>**ରୋଗ ଓ ପୋକ ପରିଚାଳନା:**<br>▪ **ପତ୍ର ଛନ୍ଦା ପୋକ:** ବର୍ତମାନ ଅବସ୍ଥାରେ ଏହି ପୋକର ପ୍ରାଦୁର୍ଭାବ ଦେଖା ଦେଇଥାଏ। ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ କ୍ଲୋରୋପାଇରିଫୋସ ୫୦% ଇ.ସି + ସାଇପରମେଥ୍ରୀନ୍ ୫ % ଇ.ସି କିମ୍ବା ପ୍ରୋପେନୋଫୋସ ୫୦% ଇ.ସି ୨ ମି.ଲି ହିସାବରେ ମିଶ୍ରଣ କରି ଶୁଖିଲା ପାଗରେ ସିଂଚନ କରନ୍ତୁ<br>▪ ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖା ଦେଇପାରେ। ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲୁ.ଜି କୁ ମିଶ୍ରଣ କରି ଗଛ ମୂଳରେ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ଉଦ୍ୟାନ କୃଷି** | | |
| **ବାଇଗଣ** | **ଚାରା ରୁ ଫଳ ଅବସ୍ଥା** | ▪ ଚାରା ପଚା, କାଣ୍ଡ ପଚା ଏବଂ ଝାଉଁଳା ରୋଗ: ଚାରା ପଚା, କାଣ୍ଡ ପଚା ଏବଂ ଝାଉଁଳା ଭଳି ମାଟି ରୁ ଜାତ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳରେ ଥିବା ମାଟିକୁ ଭିଜାଇ ଦିଅନ୍ତୁ । |
| **ଅମୃତଭଣ୍ଡା** | **ଅଙ୍ଗୀୟ ରୁ ଫଳ ଅବସ୍ଥା** | ▪ ବର୍ତ୍ତମାନର ପାଗ ଯୋଗୁଁ ଫଳ ଏବଂ ପତ୍ରରେ ଆନ୍ଥ୍ରାକ୍ନୋଜ୍ / କଳା ଦାଗ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି।<br>▪ ଏହାର ନିୟନ୍ତ୍ରଣ ପାଇଁ ପାଗ ନିର୍ମଳ/ଶୁଖିଲା ଥିବା ସମୟରେ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ ଥିଓଫାନେଟ୍ ମିଥାଇଲ୍ |

| | | |
|---|---|---|
| | | (Thiophanate methyl) ସହିତ ୦.୫ ମିଲିଲିଟର ଷ୍ଟିକର (Sticker) ମିଶାଇ ସିଞ୍ଚନ କରନ୍ତୁ । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ବର୍ଷା ଦିନେ ଗାଈ ଏବଂ ମଇଁଷି ମାନଙ୍କୁ ଓଦା ହେବାରୁ ରୋକିବା ଏବଂ ଖୁରା ସଂକ୍ରମଣରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସୁରକ୍ଷିତ ଏବଂ ଶୁଖିଲା ଆଶ୍ରୟସ୍ଥଳରେ ରଖନ୍ତୁ। ଗୋରୁମାନଙ୍କୁ, ବିଶେଷ କରି ବାଛୁରୀମାନଙ୍କୁ କୃମିନାଶକ ଔଷଧ ଦିଅନ୍ତୁ ଏବଂ ଆବଶ୍ୟକତା ଅନୁସାରେ ସମୟପୋଯୋଗୀ ଟିକାକରଣ କରାନ୍ତୁ। ଖୁରା ପଚା (Foot rot) ଏବଂ ଥନହରା (Mastitis) ଭଳି ରୋଗର ଆଶଙ୍କା କମାଇବା ପାଇଁ ଗୋଶାଳାରେ ଶୁଖିଲା ଶଯ୍ୟାର ବ୍ୟବସ୍ଥା କରନ୍ତୁ ଏବଂ ପଶୁମାନଙ୍କୁ ପାଣି ଜମିଥିବା ଚରଣ ଭୂମିକୁ ଛାଡ଼ନ୍ତୁ ନାହିଁ। |
| **ଛେଳି ଓ ମେଣ୍ଢା** | | ▪ ମୌସୁମୀ ଜନିତ ଆକସ୍ମିକ ବର୍ଷା ପ୍ରାଦୁର୍ଭାବରୁ ରକ୍ଷ୍ୟା କରିବାକୁ ଚେଷ୍ଟା କରନ୍ତୁ । ଗୁହାଳ କୁ ଯଥା ସମ୍ଭବ ଶୁଖିଲା ରଖନ୍ତୁ ଏବଂ ଗୁହାଳ ମଧ୍ୟରେ ଅତ୍ୟଧିକ ସଂଖ୍ୟାରେ ଛେଳି କିମ୍ବା ମେଣ୍ଢାଙ୍କୁ ରଖନ୍ତୁ ନାହିଁ । |
| **କୁକୁଡ଼ା** | | ▪ ସରୀସୃପ ମାନେ ବର୍ଷାଦିନେ କୁକୁଡ଼ା ଘର ମଧ୍ୟକୁ ପ୍ରବେଶ କରିବାର ଅଧିକ ସମ୍ଭାବନା ଥିବାରୁ, ଚାଷୀ ମାନେ ଏହିପ୍ରତି ଯତ୍ନବାନ ରହିବା ଉଚିତ । |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**